# କୌଣସି ପରିବାରକୁ ଛଡାଯିବ ନାହିଁ

**ସୁପରଭାଇଜର ଦିଦି କୁସୁମ, ବୋହନପୁର ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ସହିତ ମିଶି ଆଦି ଏକ ଗ୍ରାମ ପରିଦର୍ଶନ କରୁଛନ୍ତି ।**










ତା'ପରଦିନ ସୁପରଭାଇଜର ନିକଟସ୍ଥ ଅଞ୍ଚଳର ଦୁଇଟି ଅଙ୍ଗନୱାଡି କର୍ମୀଙ୍କୁ ଡାକିଲେ ଏବଂ ସେମାନଙ୍କର ସର୍ଭେ କୁ ମିଳାଇଲେ ଓ ତା'ପରେ ସର୍ଭେ କିପରି କରିବେ ବୁଝାଇ ଦେଲେ




# ଆମ ଅଙ୍ଗନୱାଡି ଅଞ୍ଚଳକୁ ବୁଝିବା ଓ ସବୁ ପରିବାର ଯେପରି ଗୁରୁତ୍ୱପୂର୍ଣ୍ଣ ସେବା ଗୁଡିକ ପାଆନ୍ତି ନିଶ୍ଚିତ କରିବା

**୧**
ତୁମ ଅଞ୍ଚଳର ସମସ୍ତ ପଡା, ଗୋଷ୍ଠୀର ସ୍ଥାନ ବିଶେଷ ଓ ରାସ୍ତାକୁ ନେଇ କାଗଜରେ ଏକ ମାନଚିତ୍ର ପ୍ରସ୍ତୁତ କର

**୨**
ଏହି ମାନଚିତ୍ର ଓ ଡାଟା ଟ୍ରାନ୍ସଫରମ୍ ବା ଆଇ.ସି.ଡି.ଏସ୍-କାସ୍ ମୋବାଇଲ୍ (ଯାହା ତୁମ ପାଖରେ ଗୋଟିଏ ଅଛି) ଧରି ନିଜ ଅଞ୍ଚଳରେ ଏକ ଘରକୁ ଘର ଗସ୍ତ କରନ୍ତୁ

**୩**
ତୁମ ସର୍ଭେର କ୍ରମ ଅନୁସାରେ ପ୍ରତି ଘରକୁ ଏକ କ୍ରମିକ ନଂ. ଦିଅନ୍ତୁ

**୪**
ମାନଚିତ୍ରରେ ପ୍ରତି ଘର ପାଇଁ ଏକ ଚାରି କୋଣିଆ ବାକ୍ସ କରନ୍ତୁ ଏବଂ ସେଥିରେ ଉଦ୍ଦିଷ୍ଟ ପରିବାର ସଂଖ୍ୟା ଲେଖନ୍ତୁ । ଯଦି ଘରେ ଏକରୁ ଅଧିକ ପରିବାର ରହୁଥାନ୍ତି ତେବେ ବାକ୍ସରେ ସବୁ ପରିବାରର କ୍ରମିକ ନଂ. ଗୁଡିକ ଲେଖନ୍ତୁ




**୫**
ପରିବାରର ଏକ ଦାୟିତ୍ୱପୂର୍ଣ୍ଣ ସଦସ୍ୟଙ୍କ ସହିତ କଥାବାର୍ତ୍ତା କରି ଘରର ସଦସ୍ୟ ମାନଙ୍କର ତଥ୍ୟ ସଂଗ୍ରହ କରନ୍ତୁ

**୬**
ଯଦି ଗୋଟିଏ ଘରେ ଜଣେ ଗର୍ଭବତୀ ମହିଳା ଥାଆନ୍ତି, ତାଙ୍କର ଶେଷ ଋତୁସ୍ରାବ ତାରିଖ ଯାଞ୍ଚ କରନ୍ତୁ (**LMP**) ଓ ଏବେ ପର **EDD** (ସମ୍ଭାବ୍ୟ ପ୍ରସବ ତାରିଖ ବାହାର କରନ୍ତୁ), ଯଦି ତୁମର **ICDS-CAS** ମୋବାଇଲ୍ ନାହିଁ ତେବେ ମହିଳାଙ୍କ ନାମ ଓ **EDD** ଡାଟା ଟ୍ରାନ୍ସଫର୍ ସିଟ୍‌ର ମାସର ଯେଉଁ ଘର/ରେ **EDD** ପଡିବ । ଆଉ ମଧ୍ୟ ସମାନ ଘର/ରେ ପରିବାର କ୍ରମିକ ନଂ. ଲେଖନ୍ତୁ ।

**୭**
ଯଦି ଗୋଟିଏ ଘରେ ୬ ବର୍ଷ ଭିତରେ ଏକ ଶିଶୁ ଅଛି ତେବେ ଶିଶୁର ଜନ୍ମ ତାରିଖ ମାର୍କ କରନ୍ତୁ । ଶିଶୁର ନାମ ଓ ଜନ୍ମ ତାରିଖକୁ ମାସର ସେହି କୋଠରୀରେ ଯେଉଁଠାରେ ତାର ଜନ୍ମ ତାରିଖ ପଡିବ ଲେଖନ୍ତୁ ବା ଆଇ.ସି.ଡି.ଏସ୍ କାସ୍ ମୋବାଇଲ୍‌ରେ ଏହା ପୂରଣ କରିବା ଓ ସମାନ କୋଠରୀରେ ପରିବାର କ୍ରମିକ ନଂ. ଲେଖିବା

**୮**
ଥରେ ତୁମେ ଯେବେ ସବୁ ପରିବାରର ତଥ୍ୟ ପାଇଯିବ ତୁମ୍ଭର ଗର୍ଭବତୀ ରେଜିଷ୍ଟର ଓ ପ୍ରତିଷେଧକ ଟୀକାଦାନ ରେଜିଷ୍ଟର ଯାଞ୍ଚ କରନ୍ତୁ ଓ ଗୃହ ପରିଦର୍ଶନ ରେଜିଷ୍ଟର ପୂରଣ କରନ୍ତୁ

- ତୁମ୍ଭ ଅଙ୍ଗନୱାଡି କେନ୍ଦ୍ରର ପରିସରଭୁକ୍ତ ଅଞ୍ଚଳ ପରିଦର୍ଶିତ ହୋଇଛି କି ?
- ତୁମ୍ଭେ ବର୍ଷର ଆରମ୍ଭରୁ ପରିବାର ଗୁଡିକର ଗୃହ ସର୍ଭେ କରିଛ କି ?
- ସର୍ଭେରେ ଆମ ଅଞ୍ଚଳର କୌଣସି ପରିବାର ଛଡାଯାଇ ନାହିଁ ବୋଲି ଆମେ ନିଶ୍ଚିତ କି ?
- କୌଣସି ପଛୁଆ ଜାତି / ଆଦିବାସୀ ପରିବାର ଛଡାଯାଇ ନାହିଁ ବୋଲି ଆମେ ନିଶ୍ଚିତ କି ?


Takeaway 1
Monday, April 23, 2018 4:53:36 PM

# କାହିଁକି ଏହି ମାସିକ ବୈଠକ?

Takeaway-1



POSHAN Abhiyaan
PM's Overarching Scheme for Holistic Nourishment
सही पोषण – देश रोशन

सत्यमेव जयते

नए समाज की ओर

## ସୁପରଭାଇଜର ଦିଦିଙ୍କ ସହିତ ଏହି ମାସିକ ବୈଠକ କାହିଁକି?

ଆମ୍ଭ ଉଦ୍ଦେଶ୍ୟ ହେଉଛି ଯେ ଆମ୍ଭ ଗୋଷ୍ଠୀର ସମସ୍ତ ପରିବାର ଗୁଡ଼ିକ :

୧. ସେମାନେ ସୁସ୍ଥ ରହିବା ପାଇଁ ସୁବ୍ୟବହାର ଗୁଡ଼ିକ ଅଭ୍ୟାସ କରିବେ ।

୨. ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଗୁଡ଼ିକ ଗ୍ରହଣ କରିବେ ।

ଏହା ପାଇବା ଲାଗି ଆମେ ସୁପରଭାଇଜରଙ୍କ ଠାରୁ ଶିଖିବା ଓ ପରସ୍ପରର ଅଭିଜ୍ଞତାରୁ ଶିଖିବା ଓ ପରିବାର ଗୁଡ଼ିକୁ ସାହାଯ୍ୟ କରିବା । ଆହୁରି ମଧ୍ୟ ଆମେ ଆହୁରି ଅଧିକ ବିଜ୍ଞତାର ସହିତ କାମ କରିବା ଶିଖିବା ଓ ଆମ କାମରୁ କିପରି ଉତ୍ତମ ଫଳାଫଳ ପାଇବା ଶିକ୍ଷା କରିବା ।

ଆମେ ଦଳବଦ୍ଧ ଭାବେ ଏକତ୍ର କାମ କରିବା ଓ ଆମ୍ଭର ଦାୟିତ୍ୱ ସବୁ ବାଣ୍ଟି ନେବା ।





## ମାସିକ ବୈଠକରେ କ'ଣ ହେବ?

**ପୁନର୍ବାଲୋକନ**

ଗତ ମାସର ଗୃହ ପରିଦର୍ଶନରୁ ଆମ୍ଭେ କ'ଣ ଜାଣିଲେ ? ଆମ୍ଭେ କ'ଣ ଶିକ୍ଷା କଲେ ଓ ପରିବାର ଗୁଡ଼ିକୁ ବୁଝିବାରେ ସକ୍ଷମ ହେଲେ କି ?



**ଯୋଜନା**

ପ୍ରତି ମାସରେ ଶିକ୍ଷା ଲାଭ କରିଥିବା ନୂତନ ଓ ଦକ୍ଷତା ଅନୁଯାୟୀ ପରବର୍ତ୍ତୀ ମାସ ପାଇଁ କର୍ମ ପନ୍ଥା ପ୍ରସ୍ତୁତ କରିବା

**ନୂତନ ଶିକ୍ଷଣୀୟ**

ବିଭିନ୍ନ ବୈଷୟିକ ଓ ବ୍ୟବହାରିକ ତଥ୍ୟ ବିଷୟରେ ପରିବାର ଗୁଡ଼ିକୁ କଣ ତଥ୍ୟ ସବୁ ପ୍ରଦାନ କରାଯିବ



## ମାସିକ ବୈଠକ ପରେ କ'ଣ ଘଟିବ?

ସମସ୍ତ ମହିଳା ଓ ଶିଶୁଙ୍କ ପାଖରେ ପହଞ୍ଚିବା ପାଇଁ ଗୃହ ପରିଦର୍ଶନ କରିବା

ଗୃହ ପରିଦର୍ଶନ ସମୟରେ ସମ୍ମୁଖିନ ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା

ଗୃହ ପରିଦର୍ଶନ ସମୟରେ ସମ୍ମୁଖିନ ହେଉଥିବା ସମସ୍ୟା ଗୁଡ଼ିକୁ ସୁପରଭାଇଜର, ଏ.ଏନ୍.ଏମ୍., ସି.ଡି.ପି.ଓ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପରିଦର୍ଶନ ସମୟରେ ଉଲ୍ଲେଖ କରାଇବା/ ଦର୍ଶାଇ ଦେବା

ଗୋଟିକପରେ ଗୋଟିଏ ସମସ୍ତ ସମସ୍ୟାର ସମାଧାନ ଅଧିକାରୀଙ୍କ ଠାରୁ ଜାଣିନିଅନ୍ତୁ ଓ ଗୃହ ପରିଦର୍ଶନ ଚାଲୁ ରଖନ୍ତୁ





## ଚାଲ ଖେଳିବା

ତଳେ ଦିଆଯାଇଥିବା ମାନଚିତ୍ରକୁ ଦେଖନ୍ତୁ ଓ ଉତ୍ତର ଦିଅନ୍ତୁ :




୧. ସବୁ ପଡା ସାହି ଓ ଘର ଗୁଡ଼ିକ ଅଙ୍ଗନୱାଡ଼ି 'କ' ଓ 'ଖ'ରେ ଅର୍ନ୍ତଭୁକ୍ତ କି ?

୨. ସବୁ ଘର ଗୁଡ଼ିକୁ ପରିବାର ସଂଖ୍ୟା ଦିଆଯାଇଛି କି ?

୩. ଗାଁର ସମସ୍ତ ପରିବାର, ଅଙ୍ଗନୱାଡ଼ି କେନ୍ଦ୍ରର ସେବା ଗୁଡ଼ିକ ପାଉଛନ୍ତି କି ?

*Answer : 1. No, catchment area of both AWCs is not well defined, 2. No, 3. No, Few households are left out*



## ଯଦି ଆମେ ଘର ଗୁଡ଼ିକ ଛାଡ଼ିଦେବା ତେବେ କ'ଣ ହେବ?

- ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ହେଉଛି ଏକ ବିଶ୍ୱବ୍ୟାପି କାର୍ଯ୍ୟକ୍ରମ ଯାହାକି ସମସ୍ତ ଗର୍ଭବତୀ ମହିଳା, ପ୍ରସୂତୀ ମା' ଓ ୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୁଷ୍ଟି ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ । ଯଦି ଆମେ ଘର ଗୁଡ଼ିକୁ ଛାଡ଼ିଦେବା, ତେବେ ସେହି ଘର ଗୁଡ଼ିକରେ ଥିବା ଲୋକମାନେ ଆମ ସରକାର ସେମାନଙ୍କ ଉପଲବ୍ଧ ପାଇଁ ଯେଉଁ ସେବା ଗୁଡ଼ିକ ରଖିଛନ୍ତି ତାହା ପାଇପାରିବେ ନାହିଁ ।
- ଅଧିକନ୍ତୁ, ଛଡା ଯାଇଥିବା ଘର ଗୁଡ଼ିକ ପ୍ରାୟତଃ ଟୋଲା (ପଡା)ର, ଯେଉଁ ଠାରେ ଗରିବତମ ଗୋଷ୍ଠୀ ମାନେ ରହିଥାନ୍ତି ଯେଉଁ ମାନଙ୍କର କି ଆବଶ୍ୟକତା ଅଧିକ ଥାଏ ।
- ଆମ୍ଭେ ସେହି ଶିଶୁ ଓ ମହିଳା ଯେଉଁମାନେ କି ପୁଷ୍ଟିହୀନତା ଯୋଗୁ ସଙ୍କଟାପନ୍ନ ଅଛନ୍ତି, ସେମାନଙ୍କ ପାଖରେ ପହଞ୍ଚି ପାରିବା ନାହିଁ କି ସେମାନଙ୍କର ଜୀବନର ଉନ୍ନତି ଓ ରକ୍ଷା କରିପାରିବା ନାହିଁ ।
- ଆମ୍ଭେ ପ୍ରତି ମା' ଓ ଶିଶୁ ଙ୍କୁ ଆଇନତଃ ଦେବାକୁ ଥିବା ଉପଯୁକ୍ତ ଯତ୍ନ ଓ ମୁଖ୍ୟ ପୁଷ୍ଟି ସମ୍ବନ୍ଧିୟ ପରାମର୍ଶ ଗୁଡ଼ିକୁ ପୂରଣ କରିବା ଲକ୍ଷକୁ ନିଶ୍ଚିତ କରି ପାରିବା ନାହିଁ ।





## ଅଙ୍ଗନୱାଡ଼ି କର୍ମୀ ହିସାବରେ ଆମର ଦାୟିତ୍ୱ ସବୁ କ'ଣ?

- ନିଜ ଅଞ୍ଚଳରେ ଥିବା ଘର ଗୁଡ଼ିକର ବାର୍ଷିକ ସର୍ଭେ କରିବା ।
- ପରିସର ଭୁକ୍ତ ପାଖାପାଖି ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରିବା ।
- ଅଧିକୃତ ଅଞ୍ଚଳର ମ୍ୟାପ୍ ବିଷୟରେ ସୁପରଭାଇଜରଙ୍କୁ ଅବଗତ କରାଇ ନିଶ୍ଚିତ କରିବା ଯେ କୌଣସି ସ୍ଥାନ ଛଡା ଯାଇ ନାହିଁ ।
- ନିମ୍ନୋକ୍ତ ସ୍ଥିତିରେ ଘରୋଇ ସର୍ଭେ ରେଜିଷ୍ଟର ଓ ଅଧିକୃତ ଅଞ୍ଚଳର ମ୍ୟାପ୍‌କୁ ଅଦ୍ୟାବଧି ଠିକ୍ କରିବା ।
  - ◆ ଯଦି ନୂଆ ପରିବାର ଆସିଛନ୍ତି
  - ◆ ଯଦି କିଛି ପରିବାର ବର୍ହିଗମନ କରିଛନ୍ତି
  - ◆ ଜନ୍ମ ଯଦି ହୋଇଥାଏ
  - ◆ ମୃତ୍ୟୁ ଯଦି ହୋଇଥାଏ





Takeaway 1
Monday, April 23, 2018 4:53:56 PM